# Akashvani, Sambalpur

## SAMBALPURI NEWS BULLETIN

### 8 September 2025 - 6.47- 6.52 am.

**********************************************

**ବିଜେପି ସାଂସଦ୍‌ଙ୍କର୍ କର୍ମଶାଳା          ଆର୍‌ଏନ୍‌ୟୁ/ ସମ୍ବଲପୁର**

ନିଜର୍ ବେଭାର୍ ବଲେ ଝନେ ସାଂସଦ୍ ଲୋକପ୍ରିୟ ହେସି ବଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଗଲାକାଏଲ୍ ନୂଆଦିଲ୍ଲୀର୍ ସଂସଦ୍ ଲାଇବ୍ରେରୀଠାନେ ହେଇଥିବା ବିଜେପିର୍ କର୍ମଶାଳାଥି ଉଦ୍‌ବୋଧନ୍ ଦେଇକରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦଲର୍ ସାଂସଦ୍‌ମାନ୍‌ଙ୍କୁ ନିଜର୍ ସଂସଦୀୟ କାମ୍‌ମାନ୍‌କେ ସୁଧାର୍ ଆନ୍‌ବାର୍ ଲାଗି ପରାମର୍ଶ ଦେଇଛନ୍ । କର୍ମଶାଳାଥି କଟକ ସାଂସଦ ଭର୍ତ୍ତୃହରି ମହତାବ୍ ଅଧକ୍ଷତା କରି କରି ଲୁକ୍‌କର ସମସ୍ୟା କେନ୍ତାକରି ସଂସଦ୍‌ନ ବର୍‌କସ୍ ଢଙ୍ଗେ ଉପସ୍ଥାପନ୍ କରାଯାଇପାର୍‌ବା ସେ ବାବ୍‌ଦେ ବୁଝେଇଥିଲେ । ଇ ଅବ୍‌ସରେ ସାଂସଦ୍‌ମାନ୍‌ଙ୍କର ୫ଟା କର୍ମଶାଳା ହେଇଥିଲା ।

**ଏସିଆ କପ୍ ହକି ଚମ୍ପିଆନ୍‌ସିପ୍       ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ**

ବିହାର୍‌ର ରାଜ୍‌ଗିର୍ ଠାନେ ହେଇଥିବା ଏସିଆ କପ୍ ପୁରୁଷ ହକି ଚେମ୍ପିଆନ୍‌ସିପ୍‌ଥି ଭାରତୀୟ ଦଲ୍ ଫେର୍‌ଥରେ ଚାମ୍ପିଅନ୍ ହେଇଛେ । ଗଲାକାଏଲ୍ ହେଇଥିବା ଫାଇନାଲ୍ ମେଚ୍‌ଥି ଭାରତୀୟ ଦଲ୍ କୋଇଆକେ ୪-୧ ଗୋଲ୍‌ଥି ହରେଇଛେ । ଇତାର୍ ସହେତେ ୨୦୨୬ ବିଶ୍ୱକପ୍‌ଥି ଭାଗ୍ ନେବାର୍ ଲାଗି ଭାରତୀୟ ପୁରୁଷ ହକି ଦଲ୍ ଯୋଗ୍ୟତା ହାସଲ୍ କରିଛେ । ଇତାର୍ ଆଗୋନୁ ଭାରତ୍ ୨୦୦୩, ୨୦୦୭ ଆଉ ୨୦୧୭ ମସିହାଥି ଚାମ୍ପିଅନ୍ ହେଇଥିଲା । ଇ ଅବ୍‌ସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦଲର୍ ଖେଲାଲିମାନ୍‌ଙ୍କୁ ଶୁଭେଚ୍ଛା ଜନେଇଛନ୍ ।

ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ                    ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍‌ଠାନୁ ଦୁଇଦିନିଆ ନୂଆଦିଲ୍ଲୀ ଗସ୍ତଥି ଯିବେ । ଆଏବାକାଏଲ୍ ହେବାର୍‌କେ ଉପରାଷ୍ଟ୍ରପତି ନିର୍ବାଚନ୍‌କେ ନେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦଲୀୟ ସାଂସଦ୍‌ମାନଙ୍କୁ ଭେଟ୍‌ବାର କାର୍ଯ୍ୟକ୍ରମ୍ ରହିଛେ । ଇତାର୍ ଆଘୋନୁ ମୁଖ୍ୟମନ୍ତ୍ରୀ ଗଲା ୫ ତାରିଖ୍ ଦିଲ୍ଲୀନୁ ଫିରିଥିଲେ । ଇ ସମିଆଥି ସେ ରାଷ୍ଟ୍ରପତିଙ୍କର ସହେତେ

କେନ୍ଦ୍ରମନ୍ତ୍ରୀମାନ୍‌ଙ୍କୁ ଭେଟିକରି ଓଡ଼ିଶାର୍ ଭିନ୍ ଭିନ୍ ପ୍ରସଙ୍ଗ ବାବ୍‌ଦେ ଆଲୋଚନା କରିଥିଲେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ବନ୍ଦ I&PR

ଭୁବ୍‌ନେଶ୍ୱର୍ ଠାନେ ଆଏଜ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ ରହେବା । ଇଥିର୍‌ଲାଗି ପଞ୍ଜିକରଣ୍ କରିଥିବା ଲୁକେ ଆଏବା ଶୁଣାଣି ବେଲ୍‌କେ ମୁଖ୍ୟମନ୍ତ୍ରୀଙ୍କୁ ନିଜର୍ ଅଭିଯୋଗ୍ ଜନେଇପାର୍‌ବେ । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଜିଏସ୍‌ଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ପିଢ଼ିର୍ ଜିଏସ୍‌ଟି ସଂସ୍କାର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ଲାଗି ବହୁତ୍ ଲାଭ୍‌ବାନ୍ ହେବା । ଗଲା ବୁଧବାର ହେଇଥିବା ଜିଏସ୍‌ଟି ପରିଷଦ୍‌ର ବୈଠକ୍‌ଥି ଟିକସ୍ ବ୍ୟବସ୍ଥାକେ ସରଲ୍ କରାଯିବା ଲାଗି ନିଷ୍ପତି

ନିଆଯାଇଛେ । ଆଏବା ୨୨ ତାରିଖ୍‌ନୁ ଇ ସଂଶୋଧିତ୍ ପ୍ରସ୍ତାବ୍ ଲାଗୁ ହେବା । ଇ ବାବ୍‌ଦେ ଗୁଟେ ରିପୋର୍ଟ.....

(ଭଏସ୍ ଓଭର୍--- ବିସ୍ମିତା ପଧାନ)

ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ୍ । ସମାଜ୍‌ର ଫି ଲୋକ୍‌କେ ସାକ୍ଷର୍ କର୍‌ବାର୍ ଉପ୍‌ରେ ଗୁରୁତ୍ୱ ଦେଇକରି ୧୯୬୭ ମସିହାନୁ ଇ ଦିବସ୍ ପାଲନ୍ କରାଯାଉଛେ । ସାକ୍ଷରତା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍‌କେ ଇ ଦିବସ୍ ପାଲନ୍ କରାଯାଏସି । ମୁନ୍‌ଷର୍ ଜୀବନ୍ ଆଉ ସାମୂହିକ୍ ବିକାଶ୍ ଲାଗି ଅର୍ଥନୀତିର୍ ବଡ଼୍ ଭୂମିକା ଥିବାର୍‌ନୁ ସାକ୍ଷରତାର୍ ଗୁରୁତ୍ୱ ବଢ଼ିଛେ । ସାକ୍ଷରତା ଝନ୍‌କର୍ ଚିନ୍ତାଧାରା, ଭାବ୍‌ନା ଆଉ ଅନୁଭବ୍‌କେ ଲେଖ୍‌ବାର୍ ଆଉ କହେବାର୍ ଲାଗି ମୌଳିକ୍ ଦକ୍ଷତା ଯୁଗାସି । ଇଥର ଆନ୍ତର୍ଜାତୀୟ ସାକ୍ଷରତା ଦିବସ୍‌ର ବାର୍ତା ହେଉଛେ 'ଡିଜିଟାଲ୍ ଯୁଗେ ସାକ୍ଷର୍‌ତାକେ ତହଁକାବାର୍‌ଟା' ।

ଅବକାରୀ ଚଢ଼ଉ I&PR

ରାଏଜେ ନିଶା ଦରବ୍‌ର ଚୋରା କାର୍‌ବାର୍‌କେ ଆଏତ୍ କର୍‌ବାର୍ ଲାଗି ଅବକାରୀ ବିଭାଗ୍ ତର୍‌ଫୁ ଜୋର୍‌ଦାର୍ ଚଢ଼ଉ ଚାଲିଛେ । ଗଲା ଶନିବାର ଦିନତକ୍ ବିଭାଗ୍ ତର୍‌ଫୁ ଭିନ୍ ଭିନ୍ ଜାଗା ନ ଚଢ଼ଉ କରାଯାଇକରି ୧କୋଟି ୪୨ ଲାଖ୍ ଟଙ୍କାର୍ ନିଶା ଦରବ୍ ଜବତ୍ କରାଯାଇଛେ । ଇ ସମିଆଥି ଶହେ ୮୩ ଝନ୍‌ଙ୍କୁ ଗିରଫ୍ କରାଯିବାର୍ ସହେତେ ୨ ଶହ ୬୪ଟା ମାମଲା ଦାଏର୍ କରାଯାଇଛେ ।

ପାପକ୍ଷୟ-ଗ୍ରହଣ ମେଲା ସୁବର୍ଣ୍ଣପୁର ସମ୍ବାଦଦାତା

ସୁବର୍ଣ୍ଣପୁର ଜିଲ୍ଲା ନ ଭୁଦୋ ପୁନି ପରବ୍ ପାରମ୍ପରିକ୍ ରୀତିନୀତି ଅନ୍‌ସାରେ ପାଲିତ୍ ହେଇଛେ । ଇ ଅବ୍‌ସରେ ଚନ୍ଦ୍ରଗ୍ରହଣ ପଡ଼ିଥିବାର୍‌ନୁ ବିନ୍‌କା ମହାନଦୀର୍ ପାପକ୍ଷୟ ଘାଟ୍ ନ ହେଇଥିବା ଗ୍ରହଣ ମେଲାଥି ହଜାର ହଜାର ଶ୍ରଦ୍ଧାଳୁ ସାମିଲ୍ ହେଇଥିଲେ । ଗ୍ରହଣ ଛାଡ଼୍‌ଲା ଉତ୍‌ରୁ ଲୁକେ ମହାନଦୀ ଘାଟ୍ ନ ବୁଡ୍ ପକେଇକରି ଘାଟ୍ ନଥିବା ପାପକ୍ଷୟ ବଟବୃକ୍ଷ ନ ପରିକ୍ରମା କରିଥିଲେ ।

କେନ୍ଦ୍ରୀୟ ବିଦ୍ୟାଳୟ-ବାଦ୍ୟଯନ୍ତ୍ର ତାଲିମ   ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ କେନ୍ଦ୍ରୀୟ ବିଦ୍ୟାଳୟ ନ ଇଚ୍ଛୁକ ଛାତ୍ରଛାତ୍ରୀମାନଙ୍କୁ ସମ୍ବଲପୁରୀ ବାଦ୍ୟଯନ୍ତ୍ର ତାଲିମ୍ ଦିଆଯାଇଛେ । ବିଦ୍ୟାଳୟ ପରିସର୍ ନ ବାଦ୍ୟଶିଳ୍ପୀମାନେ ଯୋଗ୍ ଦେଇକରି ଭିନ୍ ଭିନ୍ ବଜାଥି ଛାତ୍ରମାନ୍ଙ୍କୁ ତାଲିମ୍ ଦେଇଛନ୍ ।

ପାଣିପାଗ୍     ଆର୍ଏନ୍ୟୁ/ସମ୍ବଲପୁର/ସମ୍ବଲ୍ପୁର୍ ସମ୍ବାଦଦାତା

ଦକ୍ଷିଣ ଓଡ଼ିଶା ଆଉ ଉତର୍ ଆନ୍ଧ୍ରପ୍ରଦେଶ୍ ପାଖେ ବଙ୍ଗୋପ୍ସାଗର୍ ନ ଫେର୍ଘୁଟେ ଘୂର୍ଣ୍ଣିବଳୟ ବନିଛେ । ଇତାର୍ ପ୍ରଭାବ୍ଥି ଆଏବା ୧୩ ତାରିଖ୍ ରାଜ୍ୟର୍ ବଡ଼୍ଭାଗି ଜାଗା ନ ବର୍ଷା ପାଗ୍ ଲାଗି ରହେବା । କେତେଟା ଜାଗା ନ ଜବର୍ ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍ରେ କଳାହାଣ୍ଡି, ବଲାଙ୍ଗିର୍ ସହେତେ ରାଜ୍ୟର୍ ୧୦ ଟା ଜିଲ୍ଲା ନ ଅତି ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍ ନ ଜଲ୍‌ସ୍ତର୍ କମ୍‌ବାର୍‌ନୁ ଗଲାକାଏଲ୍ ଫେର୍ ୮ ଟା ଗେଟ୍ ବନ୍ଦ୍ କରାଯାଇଛେ । ଏଛେନ୍ ୪ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ । ଆଏଜ୍ ସଖାଲର୍ ୬ ବଜେତକ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ୬ ଶହ ୨୬ ଦଶ୍‌ମିକ୍ ୯/୧ ଫୁଟ୍ ରହିଛେ ।